# ଚିଲିକା-ଦର୍ଶନ

ନାରାୟଣ ମିଶ୍ର

# ଚିଲିକା-ଦର୍ଶନ

ନୁହେଁ ରାଧାନାଥ ବର୍ଣ୍ଣିବି ଚିଲିକା
"ଉତ୍କଳ କମଳା ବିଳାସ ଦୀର୍ଘିକା ।"
ଉତ୍କଳୁ କମଳା ହୋଇଛନ୍ତି ଦୂର
ଅଭାବହିଁ କରେ ଉତ୍କଳକୁ ଚୂର ।
ରୋଗ, ମୃତ୍ୟୁ ପୁଣି ବଢ଼ୁଛି ଉତ୍କଳେ
କୃଷକର ଶ୍ରମ ଭାସେ ବନ୍ୟା ଜଳେ ।
ବିଳାସ ଶବ୍ଦଟି ଅଛି ଅଭିଧାନେ
ଅର୍ଥ ତା ଜାଣନ୍ତି ଗାନ୍ଧିଶିଷ୍ୟମାନେ ।
ନୁହଇ ସୁନ୍ଦର ବର୍ଣ୍ଣନ ଦୀର୍ଘିକା
ଉନ ଶତ ଧନୁ ଠାରୁ ନେ ଅଧିକା ।
କବିର ଏ ବୋଲି ଅଛି ସତ୍ୟ ଦଳ
ଦୂଖ ଦେଲେ ଜଳ ଥୂ-ଥୂ କରେ ମନ,
ପୁଣି ରୋଗ, ଶୋକ, ଦୁଃଖ, ଦାରିଦ୍ର୍ୟକୁ
ଲଭୁଛନ୍ତି କଣ ଫୁଲଚଣି ଭୁଲୁ ?
ଦୀର୍ଘିକାର କାହିଁ ଅଛି ପଟାନ୍ତର !
ଧନ୍ୟ କହାଇ ପ୍ରେତପତି ଗଙ୍ଗାଧର,
ଧନ୍ୟ ସଙ୍ଗେ ଦାସୀ, ସୈନ୍ୟ, ଅନୁଚର
ଆଶ୍ରା ନେଇଛନ୍ତି ଭୋଗ ବଢ଼ାଇଲ ।

Digitized by srujanika@gmail.com

ଏଇମାନେ ଭରି ଦେବେ ତୋ ଭଣ୍ଡାର
ଛାଣିବେ ଚିଲ୍କା ତୋର ଖାର୍ଦ୍ଦି-ଗାର ।
ସତେ କ'ଣ ଗଣ୍ଡ ଥିଲ କାଳିଜାଇ
କାହିଁ ଏ କଥା ତ ପ୍ରତେ ଅସୁନାହିଁ ?
ଯାହିଁ ଦେଖେ ଜଳ ଅଣ୍ଟୁଏ ଲୁଚଏ
କେତେ ପଙ୍କ ଖାଲ୍ କଳିବ ତା କିଏ ?
କାହିଁ ଦଶ ହାତ କାହିଁ ବା ପଦର
ହାତ ଚଳୁନାହିଁ କାହିଁ ନାବକର ।
ନାବ ନ ଚଳାଇ ପାରିଣ କୈବର୍ତ୍ତି
ପଙ୍କେ ପଡ଼ି କାହିଁ ହୁଏ ଲଟପଟ ।
ଦେହ କଣ୍ଡୁସୁନ ହୁଏ ଦଳ ପେଲି
ଦନ୍ତ୍ରୁ ଉଠିଯାଏ ଚର୍ମ୍ମଯାକ ଦେଉ ।
ବାଣ୍ଟିପୁ ଶିକଟେ ମୋ ଉତ୍କଳମଣି
ଚନ୍ଦପୃଷ୍ଠ ପ୍ରାପ୍ତ ଥିଲେ ତୋତେ ମଣି ।
ପ୍ରକୃତରେ ତୁମ୍ଭ ଚନ୍ଦପୃଷ୍ଠ ପ୍ରାପ୍ତ
ଭିତର ବାହାର ଭିନ୍ନ ଭିନ୍ନ କାଚ୍ଚ ।
ବାସନା ତାଙ୍କର ପୂର୍ଣ୍ଣ ହୋଇନାହିଁ
ତେଣୁ କଟେଇବାକୁ ଭଗୀର ବଢ଼ାଇ ।
ନ ହେଲେ ଚାହାଁଇ ଥା'ନ୍ତେ ତୋ ଅନ୍ତର
ଯୋଗ୍ୟସୁତ ଯେଣୁ ଥିଲେ ଉତ୍କଳର ।
ତଥାପି କସର୍କି ଶୀତ ଯାହା ଥିଲା
ହୀନ ହୋଇ ପଡ଼ିଅଛୁ, କ ହୋଇଲା ?

Digitized by srujanika@gmail.com

ଅନ୍ତଃସାର ହୀନ ହୋଇ ଅଛୁ ପଡ଼ି
ଶ୍ରୀବୃକ୍ଷକୁ ପଦ ପଡ଼ିଅଛୁ ହଡ଼ି ।
ଦେଇଣ ପାଶୋର କୁଳ ମର୍ଯ୍ୟାଦାରେ
କପାଇଁ ବରଣ କଲୁ ଦୁର୍ଦ୍ଦଶାରେ ?
ଶତ ଶତ ପ୍ରାଣୀ ଥିଲୁ ତୁହି ପୋଷି
ତୁହିଁ ତୁହିଁ ଲକ୍ଷ ପ୍ରାଣ ନେଉ ଶୋଷି ।
ହାଇଜା, ବସନ୍ତ, ଜ୍ୱର ମେଲେରିଆ
ରୂପେ ଗ୍ରାସୁ ସର୍ବେ ହୋଇ ସବାଶିଆ ।
ଗ୍ରାମ ଗ୍ରାମ ଧରି କରିଲୁଣି ପଦା
ଯହିଁ ଦେଖେ ଖାଲି ହାଡ଼ ଗଦା ଗଦା ।
କୂଳ ଛାଡ଼ି ପକ୍ଷୀ ଗଲେଣି ତ ଚାଲି
ପ୍ରାଣ କଷ୍ଟେ ପଶୁ ହେଉଛନ୍ତି ପାରୁ ।
କୂଳେ ରଖିଥିଲୁ ଯେଉଁ ଲତାବନ
ସ୍ୱହସ୍ତେ କ ତାକୁ କରିଲୁ ନିଧନ ?
ହେ ଚିଲିକା ! ତୋର ନିଜେ ନିଜ କଥା
ବିଚାର ନେ ମନେ ମନେ ତୁ ସର୍ବଥା ।
କେଣେ ଗଲା "ତୋର ଗଭୀର ବିବର
ଫଣିପତି ଫଣା ମଣିରେ ସୁନ୍ଦର ?"
କାହିଁ ଗଲା ତୋର କାଙ୍କଣ ଶିଖରୀ
ଯାର ଫଳେ ପୂର୍ଣ୍ଣ ହେଉଥିଲା ତରୀ ?
କାହିଁ ଚାଲିଗଲେ ତୋର କୃଷ୍ଣସାର ?
ଶୋଭନ ଯେ କରୁଥିଲେ ବନ୍ତ ମାଳ ।

Digitized by srujanika@gmail.com

ପ୍ରକୃତି ରାଣୀର ପ୍ରୀତିକର ହାର
ପ୍ରତିବିମ୍ବକୁ କି ତୋ ହୃଦ ଉଦାର ?
ଦର୍ପଣରୁ ପାଶ କେବେଣି ଉଭେଇଲା
ଖୋଲସ୍ତ ସ୍ୱଦେଶ ମୁଖ ନ ଦଶିଲା ?
ଏହା ଠାରୁ ବଳି ଦୁଃଖ କସ ଆଉ
ହୃଦୟରେ ତୋର ନ ଆସେ କି ଡାକ ?
ଖଏଙ୍ଗା, ଭେଭେଠା, ଚିଙ୍ଗୁଡ଼ି, ଇଲିଶ
ସ୍ୱର୍ଣ୍ଣ ପ୍ରାପ୍ତ ହେଲାଣି ତୋ ଏ ଅର୍ଣ୍ଣବ ।
ସ୍ୱନାମ ପ୍ରସିଦ୍ଧ ତୋହର କଙ୍କଡ଼ା
ଯାହା ଶୁଣି ଉଠେ ଶ୍ମଶାନରୁ ମଡ଼ା ।
କେବଳ ବିଦେଶୀ ଆହାର ନିମିତ୍ତ
ରଣୀକୁଣୀ ପଠାଇଲୁ ସେ ସମସ୍ତ ।
ବୁଡେ ଦେଇ ସର୍ବ ଜଳ ରାକ୍ଷସର
ଲେପ କଲୁ ଟେଟେଷ ସାଙ୍କୁଶ ମଗର ।
ସ୍ମରିଲେ ସେ ସବୁ ଦୁଃଖ ଲାଗୁଅଛି
ଦେଖିଦେଲେ ହୃଦ ଫାଟି ଯାଉଅଛି ।
ଅନ୍ତରେ ସର୍ବଦା ମାରୁଅଛି ଧକ୍କା
ହେଲା ଦେଲୁ ଅନ୍ୟେ, ଓଡ଼ିଆକୁ ମକ୍କା !
ଓଡ଼ିଆ ରକତ ପ୍ରବାହନ୍ତେ ଶୋଷି
ତୋ ସର୍ବସ୍ୱ ଦାନ ନେଅଇ ବିଦେଶୀ ।
ଆହାର ବନ୍ଧନେ ମରେ ଏ ଓଡ଼ିଆ,
ମୁଣ୍ଡ ପିଟା ଭାବି ନ ହୁଏଁ କା ହିୟା ।

Digitized by srujanika@gmail.com

ଇତରଙ୍କ ଭଳି ହୋଇଛୁ ସକଳ
ନ ଭାବୁଛୁ ଥରେ ଓଡ଼ିଆ ନକଳ ।
ଆଖି ଫେଇ ଦେଖ ମାଣିକ ପାଟଣା
ଗଢ଼ଜୁଣ୍ଡୀ ନାମେ ଯେ ପୁର ପଟଣା ।
ଚଢ଼ି ଦୁଇ ଭାଇ କଳା ଧଳା ଘୋଡ଼ା
ବନ୍ଧା ଦେଇଥିଲେ ମୁଦି ଓ କୋରଡ଼ା ।
ଓଡ଼ିଆ ପୁଅର ସେହି ସେନାପତି
ଭୁଲି ତୁ ସେ ସବୁ କରୁଛୁ ଅପତି ?
ନ ଭାବୁଛୁ ଥରେ ଓଡ଼ିଆ ଆମ୍ଭକ
କାହିଁଗଲା ତୋର ସେ ସାହସ ତ୍ରକ ?
ଅଷ୍ଟ ସେନାପତି ନୋହୁ ତୁ ସୈନିକ
ନାନା କୀର୍ତ୍ତି କରାଇଲୁ ତୁ ଅଳୀକ ?
ପ୍ରତାପ, ପବନ, ପାଲଟା, ପାତାଳ,
ପାହାଡ଼ା, ପାହାନ୍ତ୍ରା, ଝଁପଟ, କୁଆଁଳ,
ରାଘୁ, ରାଠ, ରଣ, ଉଦୟ, ଉଠାଣି,
ମାନ, ମତ୍ତଗଜ, ସଂଗ୍ରାମ, ଗୁମାନ,
ନରେନ୍ଦ୍ର, ବୀରେନ୍ଦ୍ର, ବାଘ, ବଳିଆର,
ବଳବନ୍ତ, ରଣକେତୁ, କୁଳଖାଉ,
କନ୍ଦଳ, ଟୋକାଦମା, ଷଣ୍ଢଦର, ଜୟ,
ଆଗଡ଼ା, ଧପଠ, ଫତେ, ସିଂହଚମ୍ପୁ ।
କେଶରୀ ବଂଶର ଧରି ପଦମାନ,
ଭାରତେ ରଖିଛୁ ଓଡ଼ିଆ ଗୁମାନ ।

Digitized by srujanika@gmail.com

ସୁଜତରା. ପାଇକରା, ଚକ୍ଷଠରା,
ଟନ୍ମୁଠରା, ସାନ୍ତ୍ରରା ଯେ ବଳବନ୍ତରା,
ମୃଦରା, ଭଅଁରା, ପଦାତିକ ରାୟ,
ଭଜଦଣ୍ଡରା, ରାୟ, ଖଣ୍ଡାଇତ ରାୟ.
ଟିକ୍କଣ ରାୟ ଓ ଦଳସିଂହ ରାୟ,
ନେନା, ପାଟସାଣୀ, ଚମୂପତି ରାୟ,
ସେନାପତି, ଚମୂପତି, ଖଣ୍ଡପତି,
ଜଗଦେବ, ଇନ୍ଦ୍ରଜିତ, ମହାରଥୀ,
ବଇରିଗଞ୍ଜନ, ପାତ୍ର, ମଙ୍ଗରାଜ,
ନିଭୀରଶଲ୍ୟ, ଟନ୍ଦ୍ରଶଲ୍ୟ, ମର୍ଦ୍ଦରାଜ,
ମାନ୍ଧାତା, ପ୍ରଧାନ, ଶ୍ରୀହରିଚନ୍ଦନ,
ଭୁଜବଳ, ରଣବାଡ଼, ଶ୍ରୀଚନ୍ଦନ,
ମଲ୍ଲ. ମହାମଲ୍ଲ, ବଳ, ଭୁସ୍ରମଲ,
ରଣବୀର, ଗଡ଼ନାୟକ, ସାମଲ,
ନିଃଶଙ୍କ, ନାୟକ, ବାହୁବଳେ-ଇନ୍ଦ୍ର,
ରଣବିଜୁଳୀ ଓ ଭୁଜବଳେ-ଇନ୍ଦ୍ର,
ସାମନ୍ତସିଂହାର, ବିଧାର, ନରେନ୍ଦ୍ର,
ରାୟ ପିତାମହ, ଖଣ୍ଡାୟୀ, ଗଜେନ୍ଦ୍ର ।
ଉତ୍ତର, ଦକ୍ଷିଣ, ପଶ୍ଚିମ, କବାଟ
ଉପୁ ଥିଲ ଯାଙ୍କ ଅଭେଦ୍ୟ ନିରାଟ ।
ପୂର୍ବ ଗଜପତି ପଦମାନ ଧରି
ନାମ ଅନୁସାରେ କାମ ଥିଲ କରି ।

Digitized by srujanika@gmail.com

ଓଡ଼ିଆ ପୁଅର ରଖିଥିଲ ଯଶ
ଗାଉଥିଲ ଧରା ତାଙ୍କ ବୀର ରସ ।
ଗଢ଼ିଥିଲ ଶତ୍ରୁ ରକ୍ତେ ବାରବାଟୀ
ଗଡ଼ଖାଇ ଯା'କୁ ଦେଖିଛୁ ନିରାଟି ।
ପୁଣି ଶତ ଶତ ଶତ୍ରୁ ମଥା ନେଇ
ଗୃଧ୍ର, ଶ୍ୱାନ, କାକେ ଖାଦ୍ୟ ଥିଲ ଦେଇ ।
ଏବେ ସବୁ ତାହା କଳପନା କଥା
ଚିନ୍ତିଲେ ଅନ୍ତରେ ଲଗେ ପିନା ବ୍ୟଥା ।
ହାପୁତର ଓଡ଼ିଆ ତୋର ଦ୍ୱାର ସିଂହ
ଖୋର୍ଦ୍ଧା ଗଡ଼େ ପଡ଼ି କାନ୍ଦେ ଅହ ରହ,
ଶତ୍ରୁ ଦେଖି ନାହିଁ ଯା'ର ବାରେ ମୁଖ
ସେ ପୁଣି ଭୋଗିଲା ଏ ଲାଞ୍ଛନା ଦୁଃଖ ।
ଇଚ୍ଛୁ ଶିକଳରେ ଦେବାକୁ ପଞ୍ଜୁରି
କାହିଁ ଓଡ଼ିଆ ହୋଇଛୁ ଭିଖାରୀ ?
କି ଉତ୍ତର ତାକୁ ଦେବୁ ଜୀବନରେ
ଚିନ୍ତା କରିଛୁ କି କେବେ ସ୍ୱପନରେ ?
ତୋର ବଂଶଧର * କଣ୍ଟିଆ ଗଡ଼ରେ
ଅଷ୍ଟାଦଶ ଭାଇ ଜନ୍ମିଥିଲେ ଥରେ ।

---

* ଖୋର୍ଦ୍ଧାଠାରୁ ୭ ମାଇଲ ଦକ୍ଷିଣରେ ଅବସ୍ଥିତ । ଏଠାରେ ଅଠର ଭାଇଙ୍କର ସ୍ମୃତିସ୍ତମ୍ଭ ଅଦ୍ୟାପି ବିଦ୍ୟମାନ ଅଛି ।

Digitized by srujanika@gmail.com

ପଡ଼ୁଥିଲା ତହୁଁ କଂସାର କବାଟ
ଦିଗନ୍ତ ବିସ୍ତାରି ତାଙ୍କ ବୀର୍ଯ୍ୟ ଥାଟ ।
ଅସି ଝଲନାରେ ହୁଅଇ ଝଙ୍କାର
ସମୁଦ୍ର ଗର୍ଜନେ ବିଦ୍ୟୁତ୍ ସଞ୍ଚାର ।
ଅଲୋକେ ଯଦି ଥରେ ଚଳେ ଅସି
ଶତ ଶତ୍ରୁ ମଥା ପାଦେ ଲୋଟେ ଖସି ।
ମଲ୍ଲ ଯୁଦ୍ଧବେଳେ ଶୁଭୁଥିଲା ରଡ଼
କିନା ମେଘେ ସୃଷ୍ଟି କି ଏ ଘଡ଼ଘଡ଼ ?
ଚୂର୍ଣ୍ଣ କରୁଥିଲା ଶତ୍ରୁଦର୍ପ ଶତ
ଗଜପତି ମଥା ରଣେ ସମୁନ୍ନତ ।
ଶାନ୍ତି ଲଭୁଥିଲା ତାଙ୍କ ଚରଦାସୀ
ଶତ୍ରୁ ରକ୍ତ ପାନେ ତା' ବକ୍ଷ ବିଦାରି ।
କର୍ଣ୍ଣେ ଶୁଣାଗଲେ କେବେ ରଣବାଦ୍ୟ
ପତ୍ନୀ ଭାଙ୍ଗିଦିଏ ତାଙ୍କ ସୁଖ ନିଦ ।
ସ୍ୱହସ୍ତେ ଓଡ଼ିଆ ପୁଏ ସାଜି ଦେଇ
ସ୍କନ୍ଧ ଦେଶେ ଧନୁ ତୂଣୀର ଖଞ୍ଜାଇ,
ବାମେ ଢାଲ, ଦକ୍ଷେ ଅସି ଧରାଇଣ
ଶିରେ ମାରି ଜୟ ସିନ୍ଦୁର ଚନ୍ଦନ,
ଗଳାରେ ଲମ୍ବାଇ ଦେଇ ଜୟମାଲ୍ୟ
କହୁଥିଲା—"ତୁମ୍ଭେ ହୁଅ ଶତ୍ରୁଶଲ୍ୟ !
ଶ୍ରୀଚରଣ ଧୂଳି ଦିଅ ମୋ ମୁଣ୍ଡରେ
ଝୁଲୁଥିବ ସଦା ଓଡ଼ିଆ ଦାଣ୍ଡରେ ।

Digitized by srujanika@gmail.com

ଓଡ଼ିଆ ପୁଅର ବାହୁବଳ ତାକ
ରଖି ଯାଇଥିବ ଯାବତ ଚନ୍ଦ୍ରାର୍କ ।"
କାହିଁ ଲଭିଗଲେ ସେ ଓଡ଼ିଆ ଡେଙ୍ଗା
କେଉଁଣେ ଉଭେଇଲ ଲକ୍ଷ ଲକ୍ଷ ଖଣ୍ଡା ।
ଢାଲ ସାଙ୍ଗୁ ପୁଣି ଓଡ଼ିଆ ନ ଜାଣେ
ବକ୍ଷର ବସିଲେ ମର୍ମକୁ ହେବ ହାଣେ ।
କାହିଁଗଲ ଧନୁ ସେହି ତୀକ୍ଷ୍ଣ ଶର
ଯବନଦଳେ ବାହାରୁଛି ନେତ୍ରୁ ଜଳ ।
ସେ ଓଡ଼ିଆ କୁଳବଧୂ କାହିଁ ଗଲେ
ଜନ୍ମିବେ ନାହିଁକି ଓଡ଼ିଆର ଘରେ ?
ଯେଉଁ ଅସ ମାତଃ କହୁଅଛୁ ବାତେ
ଶୋହିଥାଅ ସେହି ଓଡ଼ିଆ ବାଳାତେ ।
ସାଜ ଦିଅ ଥରେ ଓଡ଼ିଆ ସୈନିକେ
ଉତ୍କଳର ଶିଖ ଅଭିମାନ ଠିକେ ।
ଚାହୁଁ ଆଉଥରେ ଏ ବିଶ୍ୱ-ବ୍ରହ୍ମାଣ୍ଡ
ଓଡ଼ିଆ ପୁଅର ଧନୁ ତୀକ୍ଷ୍ଣ କାଣ୍ଡ ।
ଶୁଣୁ ଥରେ ସେହି ଅସିର ଝଙ୍କାର
ଓଡ଼ିଆର ରଣ-ଶବ ବିକଟାଳ ।
ଶିହରନ୍ତି ନ ବପୁ ଦେଖୁ ଲକ୍ଷ ଜଣ
ଓଡ଼ିଆର ନବ ରୁଧିରକୁ ପ୍ରତ୍ୟକ୍ଷ ।
ନିଜ ଘର କଥା ଚିନ୍ତା କର ମନେ
କି ଥିଲା ଏ ଦେଶ ହୋଇଛି କେମନେ ।

Digitized by srujanika@gmail.com

ତୋର 'ମହୋଦଧି' ହେଉଅଛୁ ଦୂର
ନ ଚନ୍ଦ୍ର ପୁଅଙ୍କୁ ଦେଖାଉ କପର,
ଓଡ଼ିଆ ତୁ ! ହୃଦେ ନାହିଁ ଖେଦ.ତୋର
ଆନନ୍ଦେ କହୁଛୁ 'ବଙ୍ଗୋପସାଗର' ?

ଜଙ୍ଗଲ ମଧ୍ୟରୁ ମହାବଳ ବାଘ
ନାମ ଲଭିଗଲା ନ ହୁଏ କି କ୍ଷୋଭ !

କବି ଶିଳ୍ପୀ ନାମ କରି କେହୁ ଚେଷ୍ଟ
ଅମର ବୋଲ୍ଣ କରେ ବାହ୍ନ ଦୁସ୍ତ ।

ଦନୁ ଦନୁ ଖାଇ ବଢ଼ୁଅଛୁ ଚେଷ୍ଟ
ଭୂଗର୍ଭ ବିଦେଶୀ ଲୁଟି ନିଏ ଚୋର ।

ନ ଭାବୁଛୁ ଥରେ ମୁଁ ଗରୀ ଓଡ଼ିଆ
ପଡ଼ୋଶୀଙ୍କ ଠାରୁ ଖାଉଛୁ ବାଡ଼ିଆ ।

ଥରେ ଯଦି ଗର୍ବେ ବୋଲନ୍ତୁ ଓଡ଼ିଆ
ପୂର୍ବ ପୁରୁଷ ମୋ କହନ୍ତେ ବଢ଼ିଆ ।

ପ୍ରକୃତ ଦାୟାଦ ଅଚନ୍ଦ୍ର ଅମ୍ବର
ସୁବାନା ଉଡ଼ାଇ ଦେବେ ଉତ୍କଳର ।

ମଞ୍ଜୁଷା, ଟେକ୍କାଲି, ନରଲା, ବସ୍ତର,
ବିନ୍ଦ୍ରା ନୂଆଗଡ଼ ଆଉ ଫୁଲଝର,
ଷଢ଼େଇକଳା ଓ ଖରସୁଆଁ ଦ୍ୱାରେ
ଆଣି ଗାଧୋଇବେ ମୁକୁନ୍ଦ ଧାଇଁରେ ।

Digitized by srujanika@gmail.com

ପରଚଣ୍ଡ ପୁଣି ଦେବ କୁଟ ନାଶ *
ଓଡ଼ିଆ ପୁଅର ବଚନ ସାହସ ।
ନନେ ସେନାପତି ବାହୁବେ ସୈନ୍ୟକ
ଓଡ଼ିଆ ବୀରତ୍ୱ ନ ହେବ ଅଳୀକ
ପୂର୍ବ ପର ଧେନୁ ଦେବେଟି ସଙ୍କେତ
ଦଧି ଖାଇ ମୃଦ ବୋଉଡ଼ା ପ୍ରାପ୍ତେନ ।

---

* -କୁଶ ବ୍ରାହ୍ମଣ, କଣ-ସୈନ୍ୟ । ଯେଉଁଠାରେ କଣ ଦେଶ ରକ୍ଷା କରିବା କ୍ଷମତ୍ରେ ଅସମର୍ଥ ହୋଇଅଛୁ, ସେଠାରେ କୁଶ ମଧ୍ୟ ତପସ୍ୟା ବଳରେ ଦେଶକୁ ରକ୍ଷା କରି ପାରିଅଛୁ । ମାଦଳା ପାଞ୍ଜି ଦ୍ରଷ୍ଟବ୍ୟ ।

× × ×

"ଆଉ ଯେତେ ଆଶ୍ଚର୍ଯ୍ୟ ପଦାର୍ଥ ଧନ ବହୁତ ଆଣିଲେ । ଏମାନ ଆଣିଲାରୁ ସେ ମୁଲକ ରାଜା ନପୁର ସେନ ଗୋଡ଼ାଇଲା । ପାତ୍ରେ ଜଣାଇଲେ, ଏ ରାଜା ନପୁର ସେନ ପଛେ ଗୋଡ଼ାଇ-ଅଛୁ । ତହିଁକି ବ୍ରାହ୍ମଣ କହିଲେ ଆପଣେ ଚଳେକର । ମୁଁ ଏଠାରେ ଜପ କରି ଗୋଦାବରୀ ବଢ଼ାଇବି । ସେ ରାଜା ଫେରି-ଯିବ । ସେହିରୂପେ ସେଠାରେ ରହି କର୍ମ କରି ଗୋଦାବରୀ ବଢ଼ାଇଲେ । ଏହା ଦେଖି ସେ ରାଜା ଫେରିଗଲା । ଏହା ଦେଖି ରାଜା ଆନନ୍ଦ ହୋଇ ଏହାଙ୍କୁ ଗୋଦାବରୀ ମହାପାତ୍ର ବୋଲି ପଦ ଦେଲେ ।"

( ପ୍ରବାଦ ଅଛି ଯେ, ଗଜପତି ମହାରାଜା କାଞ୍ଚି ବିଜୟର ସ୍ମାରକ ସ୍ୱରୂପ, ବିଜୟବାହୁଡ଼ା [ଆଧୁନିକ ନାମ ବେଜୱାଡ଼ା] ଓ ବିଜୟ-ନଗର ସ୍ଥାପନ କରିଥିଲେ । )

Digitized by srujanika@gmail.com

ଚାହାଁଣି କହନ୍ତୁ ଗଲେ ସେନାପତି
"ନା ଓଡ଼ିଆ ପୁଅ ନ କରଣି ଭୀତି ।
କନ୍ୟାକୁ ନ ଲଭ୍ୟ ସିନ୍ଦୂରର ଶିଖା
ଅମଳିନ ମାଲ୍ୟେ ବଳାଇଣି ଦେଖା ।
ସତ୍ୱର ଉଡ଼ାଇ ବିଜୟ କେତନ
କୂଳବତୀ *ମଥା କରରେ ଭୂଷଣ ।"
'ହାୟରେ ଓଡ଼ିଆ ଭାବୁନ୍ତୁ କି ଥରେ
ଓଡ଼ିଆ ବୋଲଣି କେବେ ସ୍ୱପନରେ ?
ଥରେ ହେଲେ ଆଖି ବୁଜି ଧ୍ୟାନ କର
ଯୁଦ୍ଧସାଜ ବେଶ ଓଡ଼ିଆ ପୁଅର ।
ଅଶ୍ୱ ପଛେ ବସି ଧରି ତରବାରି
ରଣ କଲ ଯାଏ କାତର ପହଁରି ।
ଶତ୍ରୁର ଶିରକୁ ଚେନ ଖଣ୍ଡ କରି
ନ ପଡ଼ ଜରର ବନ୍ଧୁ ଯାଏ ଡେରି ।

---

* ସ୍ୱାମୀ ବିଦେଶରେ ଥିଲେ ସ୍ତ୍ରୀ ବିଳାସ ବ୍ୟସନ ବର୍ଜନ କରୁଥାଏ । ଏହାହିଁ ଓଡ଼ିଆ ରମଣୀର ବିଶେଷତ୍ୱ । ସ୍ୱାମୀ ଯୁଦ୍ଧକୁ ଯାଉଥିଲେ ସ୍ତ୍ରୀ ଏକପ୍ରକାର ଦୃଢ଼ସୂତ୍ରେଣୀ ଦୋର ରଖିବା କୌଣସି ପ୍ରଥା । ସ୍ୱାମୀ ଯୁଦ୍ଧରୁ ଫେରିଲେ ବିଜୟୀ ଖଣ୍ଡା ମୂଳରେ ସିନ୍ଦୂର ଦେଇ ସ୍ତ୍ରୀର କପାଳରେ ଦିଏ । ଏହାକୁ 'ମଥା ଭୂଷଣ' ଉତ୍ସବ କୁହାଯାଏ । ଉକ୍ତ ଉତ୍ସବରେ ଆତ୍ମୀୟସ୍ୱଜନ ବନ୍ଧୁବାନ୍ଧବ ସମସ୍ତେ ଯୋଗଦେଇ ବିଜୟୀ ବୀରକୁ ଅଭିବାଦନ କରିବା ହିଁ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ।

Digitized by srujanika@gmail.com

ମୁକ୍ତାକାଶ ତଳେ ବସି ମରବଟରେ
ଚନ୍ଦ୍ରଯାଅ ଥରେ ଓଡ଼ିଆ ପୁଅରେ ।
ଶିଳ୍ପୀ କୁଳ ଚନ୍ଦ୍ର ଧରମା ବାଳକ
ଓଡ଼ିଆ ଲକ୍ଷଣ ରଖିଅଛି ଠେକ ।
ସ୍ୱର୍ଗି ଗଲେ ସୁଦ୍ଧା ରଖିଛନ୍ତି ସଜୀବ
ପ୍ରତେ ନ ଆସଇ ପଥର କି ଜୀବ ।
ଘନବଗରେ ସତେ ହୁଏ ଧାବମାନ
ଅଶ୍ୱଚକ୍ରୁ ଧୂଳି ବ୍ୟାପେ ପବମାନ ।
ଚକ୍ର ଦେହ ମିଥ ଭିଡ଼ିବା ପାଇଁକି
ଅନବରତେ କି ବନ୍ଧୁଅଛି ଠାକି ।
ଅଛି ନଭସ୍ପର୍ଶୀ ଏ ଆମ୍ର କାନନ
ଓଡ଼ିଆ ପୁଅର ଲକ୍ଷଣେ ରଚନ ।
ଏଥିରେ ପଥର କରିଅଛି କାମ
ଚୂନ ମସଲାର ଧରିନାହିଁ ନାମ ।
ଦୂତ୍ୟଗ୍ରେ କରିଛନ୍ତି ଯେଉଁ ସୂକ୍ଷ୍ମ କର୍ମ
ଦେଖିଦେଲେ ନର ବୁଦ୍ଧି ହୁଏ ଭ୍ରମ ।
ସଜୀବ ମୂର୍ତ୍ତିରେ ଖଞ୍ଜା ଅଳଙ୍କାର
ଦେଖି ଭାବେ ଏ କି କର୍ମ ଦେବତାର !
ତନୁପରେ ବାସ ବେଢ଼ା ରଙ୍ଗପାଣି
ଚଦ୍ରଅଢ଼ ତହିଁ ହୋଇଛନ୍ତି ପ୍ରକାଶ ।
ତାକୁ ଭେଦ କରି ଦଶେ ରୋମାବଳି
ନ ଫେସ୍ୱାଇ ଚକ୍ଷୁ କହିଁ କାରିଗର ।

Digitized by srujanika@gmail.com

ଅଜନମ ଅନ୍ଧ ବନ୍ଧେ ହାତ ମାର
ଧନ୍ୟରେ ଓଡ଼ିଆ ! ତୋ ଶିଳ୍ପ ଗୃହୁସ୍ୱ ।
ଧଉଳୀ, ଉଦୟଗିରି ଖଣ୍ଡଗିରି
ବୌଦ୍ଧ ପୂତ ମନ୍ତ୍ର ଯେ ଥିଲା ଉଚ୍ଚାରି ।
ହାତୀ, ବ୍ୟାଘ୍ର ଗୁମ୍ଫା ପ୍ରାସାଦ ଦ୍ୱିତଳ
ବିଶ୍ୱଖ୍ୟାତ କୀର୍ତ୍ତି ଓଡ଼ିଆ ହାତର ।
କିପରି ଭୁଲନ୍ତୁ ହାୟରେ ଓଡ଼ିଆ
ଜଗତେ ତୋହଠୁଁ ଅଛନ୍ତି କେ ବଡ଼ିଆ ?
ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ
କହୁଛନ୍ତି ଓଡ଼ିଆ ନୁହେ କେବେ ଭୀରୁ ।
ବାର ବରଷର ରାଉତ ବାଳିଆ
ପରିଚୟ ଦେଇଅଛି ସେ ଓଡ଼ିଆ ।
ଛାତିପରେ ସେହୁ ଖାଇ ଗୁଳି ଘାତ
କେବେ ହେଁ ଭଙ୍ଗେନା ଓଡ଼ିଆର ଅଣ୍ଟ ।
ପୂର୍ବ ଷ୍ଟେସନରେ ମୋ ଦେଙ୍ଗପାଣିଆ
ପରିଚୟ ଦେଇ ଅଛି ସେ ଓଡ଼ିଆ ।
ମୋ ଭାଇ ସୁମାଲ ଆଜ ହରିଦ୍ୱାର
ଓଡ଼ିଆ ବୋଲଣ ଖ୍ୟାତ ଭାରତର ।
ଶିଥିଲ ଚର୍ମରେ କବି ଗୋଦାବରୀ
ଚିହ୍ନାଇ ଦେଉଛନ୍ତି ଓଡ଼ିଆ କିପରି ।
ସେ ଓଡ଼ିଆ ପୁଅ ଅଛୁ ପରା ତୁମ୍ଭ
ଓଡ଼ିଆ ବୋଲଣ କେବେ ଚିହ୍ନୁଛକି

Digitized by srujanika@gmail.com

ଏଠାଣି ସାମନ୍ତ କାହିଁ ଗଲା ଚୋର
କାଠିରେ ମାପିଲା ଗତ ନକ୍ଷତ୍ରର ।
କାହିଁ ଭଞ୍ଜ, ସୂର୍ଯ୍ୟ କାହିଁ ଜୟଦେବ
ଓଡ଼ିଆ ଜାତିର ପ୍ରକୃତ ବିଭବ ।
କାହିଁ ଗଲା ସେହି ଫକୀର, ମେହେର
ଜନନୀର ବରଣୀୟ ପୁତ୍ର ଦଳ ।
ରୋଗ ଶଯ୍ୟାପରେ ଶୁଣିଲେ ଯା' କଥା
ରୋଗୀ ପାଶୋରଇ ନିଜ ରୋଗ ବ୍ୟଥା ।
ବେଣୀ ହୋଇଗଲେ ପାଣି ଭିଜଣରେ
ଅଣ୍ଠା ଭଟରେ ଯଦୁମଣି ଫିଣ୍ଠା ତଳେ ।
ଆହ୍ୱର ବାଡ଼ିଲୁ କେତେ ସେ ବୃହସ୍ତୀ
ଯା'ଶୁଣି ମାନବ ଦେଶକ ଯିବ ଭୁଲି ।
ସବୁକଥା ଆଉଁ ରଖିଅଛି ସଦ
ନାଗ ସର୍ପେ ଯଥା ଶୁଙ୍ଘାଏ କି ଗଦ ?
ପର୍ଣ୍ଣକୁଟୀ ଠାରୁ ପ୍ରାସାଦର ମଥା
କେଉଁଠାରେ ନାହିଁ ଯଦୁମଣି କଥା ।
ଅଭିମନ୍ୟୁ ଦୀନକୃଷ୍ଣ ଓ ଗୋପାଳ
ରାଧାକୃଷ୍ଣ ପ୍ରେମେ ହୋଇ ଅସମ୍ଭାଳ
ନିମିଷକେ ଧାଇଁ ଗଲେ ବୃନ୍ଦାବନ
ଶୁଣୁଥିଲେ କାହ୍ନୁ ମୁଖୁ ବେଣୁ ସ୍ୱନ ।
ଦେଖୁଥିଲେ ବସି ବଚନ ସହାସ
ଯମୁନା କୂଳରେ ପୀତବାସ ହାସ ।

Digitized by srujanika@gmail.com

ବ୍ରଜଧୂଳି ବୋଲି ହୋଇ ସର୍ବାଙ୍ଗରେ
ଗଡ଼ୁଥିଲେ ନିତ୍ୟ ବରଜ ଦାଣ୍ଡରେ ।

ସେ ପୂର୍ବ ପୁରୁଷେ କର ଆମନ୍ତ୍ରଣ
ଯେଣୁ ତୁ ଉତ୍କଳ ମାତା ଗର୍ଭଧନ ।

ହେ ପୂର୍ବପୁରୁଷ ଥାଇ ସ୍ୱର୍ଗପୁରେ
କୃପା ଦୃଷ୍ଟି ଦିଅ ଓଡ଼ିଆ ଉପରେ ।

ତୁମ୍ଭ ମାତା କାନ୍ଦେ ହୋଇ ଛିନ୍ନମସ୍ତା
ବିକଳାଙ୍ଗ ହୋଇ ହେଉଛି ଧ୍ୱନସ୍ତା ।

କୁ-ପୁଅର ଗୁପ୍ତ କୁ-ମନ୍ତ୍ରଣା ସହ
ବିକଟଳ ପିଉଛି ସନ୍ତାନର ଦହ ।

ତେଣୁ ଉଠଇ କାନ୍ଦେ ବାଇଆଣୀ ହୋଇ
ସ୍ୱର୍ଗେ ସେ କାନ୍ଦ କି କର୍ଣ୍ଣେ ନ ବାଜଇ ?

ଉତ୍କଳର ତୁମ୍ଭେ ଗୁଣୀ ସୁତ ଯେଣୁ
ଚଞ୍ଚଳ ଓହ୍ଲାଇ ଦିଅ ପଦ ରେଣୁ ।

ଏ ବିପଦ କାଳେ ଓଡ଼ିଶା ମାଆର
ଆଜ ଥରେ ଆସି ହୁଅ କର୍ଣ୍ଣଧାର ।

ଘୁଞ୍ଚିଗଲେ ବାରେ ଉତ୍କଳର ଦଶା
ପୁନରପୁ ସ୍ୱର୍ଗେ ଚଳାବ ସହସା ।

ଏହୁ ଅନୁଗ୍ରହ ଜନ୍ମଭୂମି ପ୍ରତି
କରୁଥାଅ ସ୍ୱର୍ଗେ ଅହେ ମହାମତି ।

Digitized by srujanika@gmail.com

ଯେ ଓଡ଼ିଆ ରକ୍ତ ତୋ ଧମନୀରେ
ବହି ଯାଉଅଛି ବିଦ୍ୟୁଦ୍‌ବେଗରେ
ସେହି ଜଳ, ସ୍ଥଳ ସେହି ଆକାଶ
ସେହି ଖରା, ତରା, ବାଆ, ବତାସ,
ସେ ଗିରି ସେ ନଦୀ ସେହି ଜଙ୍ଗଲ
ସେ କୂଅ, ପୋଖରୀ ସେ ଫୁଲ ଫଳ
ସେହି ସୁଶ୍ୟାମଳା ମୋ ମା ଉତ୍କଳ
ଓଡ଼ିଆ ହୃଦେ କି ନ ଦିଏ ବଳ !
ନ କହ ଓଡ଼ିଆ ମୋ ଚିଲିକା ବୋଲି
ଲାଜରେ ତୋ ମୁହଁ ଯାଉ ନାହିଁ ପୋଡ଼ି ?
ଲୁଟୁଛି ରକ୍ଷିଷ୍ଣୁ କ୍ଷୁଦ୍ର ବାସିନ୍ଧି
ଓଡ଼ିଆ ପୁଅର ନାକ ଶିଆ ଦଧି ।
ନ ବାନ୍ଧେ ସେ ଆଉ ଗାମୁଛା କାନରେ
ନ ଆସେ ତା ଆଉ ଓଡ଼ିଆର ଘରେ ।
ଓଡ଼ିଆ ପୁଅ କି ପାପ କରିଥିଲେ
ଲୁଚାଇଲ ତାଙ୍କୁ ନିଜ ବକ୍ଷ ନୀରେ ?
ଓଡ଼ିଆଙ୍କୁ ସଦା କଲୁ ହତାଦର
ବିଦେଶୀଙ୍କ ମୁଖ ଦେଖିଲୁ ସୁନ୍ଦର,
ଯାହା କିଛି ଦେଇଥିଲୁ ତୁ ପଡ଼ିଆ
ବସି ଖାଇଥାନ୍ତେ ନିସ୍ୱ ଓଡ଼ିଆ ।
ସେଥିରୁ ତାହାକୁ ବଞ୍ଚିତ କରିଣ
ଇତରଙ୍କୁ କରୁ ଧନ ବିତରଣ ।

Digitized by srujanika@gmail.com

ନ ଜାଣି ଯାରେ ମୁଁ ତୋହର ଉଦ୍ଦେଶ୍ୟ
ମାତ୍ର ଓଡ଼ିଆଙ୍କୁ ଦେଲୁ ବହୁ କ୍ଲେଶ ।
ଚକୁଆ ଚକୋଇ ହଂସ କାରଣ୍ଡକ
ବିଦେଶୀଙ୍କ ହେଲା ଉଦର ପୋଷକ ।
କେଣେ ଗଲା ସେହୁ ପକ୍ଷୀର କାକଳୀ
ବିଦେଶୀଙ୍କ ଗୁଳି ଶୁଭେ ଦିନ ଭର ।
ଓଡ଼ିଆ ସନ୍ତାନ ଆଜ ସ୍ୱ-ନେତ୍ରରେ
'ମଙ୍ଗଳ ମାଳିନୀ' ନ ଦେଖିବ ଥରେ ।
ନ ଦେଖି ପାରୁଛୁ ଚିଲିକାରେ ପକ୍ଷୀ
କେବଳ ରହୁଛୁ ଚାହିଁ ମାତ୍ର ରକ୍ଷୀ ।
ନ ଚିହ୍ନି ପାରୁଛୁ ସାଙ୍କୁଶ ମଗର
ଚିର ଦିନ ହେଲା ଖାଲି କଲବଲ ।
ନ କହୁ ପାରୁଛୁ ମାଛକଣ୍ଟା ଆଣି
ସ୍ୱାଦବନ୍ଧ ରଚି ପାରେଛି ଶିଙ୍ଘାଣ ।
ତଳର ମେଳର ବଣିକ ବେପାର
ଦେଖୁଛୁ କି ଆଜ ତୁମେ ଓଡ଼ିଆର ?
ଧନରତ୍ନପୂର୍ଣ୍ଣ ଶତ ଶତ ଡଙ୍ଗା
ନ ବନ୍ଧାଏ ଆଜ ଓଡ଼ିଆ ସୁନ୍ଦରୀ ।
ଓଡ଼ିଆ ଝିଅର ଶୁଭ ହୁଳହୁଳି
ଶବଦେ ସାଗର ପଡ଼େ କି ଉଛୁଳି !
ଓଡ଼ିଆ ନିକଟରୁ ଦେଲୁ ଦୂର କରି
କି ଗାଇବି ତବ ପଣ ବୀଣା ଧରି ?

Digitized by srujanika@gmail.com

ନ ଚିହ୍ନେ ଓଡ଼ିଆ ମାନସର ହଂସ
ବିଦେଶୀ ବୁଡ଼ାଇ ଦେଲେଣି ତା ବଂଶ ।
ଶୋଭା ପାଉଥିଲା ଯେନ କଙ୍କ ବଙ୍କ
ଦାନ କଲା ତାକୁ ଶ୍ରୀବ କି କଳଙ୍କ ?
ଗଢ଼ିଲା ଯେ ବଡ଼କୂଳରେ ବଙ୍ଗଳା
ଓଡ଼ିଆ ମହନ୍ତ ସେହୁ ବାଟେ ଗଲା ।
ସମସ୍ତ ବିଦେଶୀ କରି ଆମନ୍ତ୍ରଣ
କରାଉଛୁ! ସଦା ଗୁଳି ବରଷଣ ।
କି ଷଡ଼ କରିଲେ ଢୋର ଓଡ଼ିଆଏ
ଦିନ ରାତି ଖାଲି ଗାଳି ଗୁଳି ଖାଏ ।
ହାୟ ରେ ଓଡ଼ିଆ ତୋ ଭାଗ୍ୟ ଲିଖନ
କିଏ ଆଜି ତାହା କରିବ ମୃଞ୍ଚନ ।
ସବୁ ଦିନ ଶୁଣୁଥିବୁ ଖାଲି ମେଣ୍ଢା
ଠିଆ ହୋଇ କହ ମୁଁ ଓଡ଼ିଆ ଭେଣ୍ଡା ।
ଯୁଦ୍ଧ ପାଇଁ ଏବେ ହୋଇଛୁ ତିଆର
ସୁଯୋଗ୍ୟ ସନ୍ତାନ ମୁହିଁ ମୋ ମାଆର ।
ଜଗତେ ମୋହର ନାହିଁ କିଛି ଭୟ
ଓଡ଼ିଆ ମୁଁ କରିଯିବି ବିଶ୍ୱଜୟ ।

ସର୍ବେ ମିଳିମିଶି କରି ମାତା କାମ
ଲୁପ୍ତ କରିଦେବା ଛିନ୍ନମସ୍ତା ନାମ ।
ବିଶ୍ୱାସଘାତକ ଅଯୋଗ୍ୟ ସନ୍ତାନ
ଦେଇଛନ୍ତି ମାତା ଶ୍ରୀଅଙ୍ଗରେ ହାଣ ।

Digitized by srujanika@gmail.com

ଟେଦ ଧନ ଲୋଭେ କରି ଖୋସାମତ
ନଜ ସୁଖ ଖୋଜନ୍ତ ହେ ଦୁର୍ମତ ।
କାହିଁକ ଏ ଗୁସ୍ର କନୁ କଲୁ ମାନ୍ତଃ !
ଜନ୍ମା ନ ହୋଇଲା ତୋର ଗର୍ଭପାତ ।
କମ୍ପା ନ ଲଗିଲା କୁବୁଦ୍ଧି ଧୋବାର
ହୋଇଥାନ୍ତା ପଛେ କୁଳ ନାରଖାର ।
ବାଲ୍ୟେ ମଲେ ନାହିଁ ଜନ୍ମା ବୁଢ଼ କଲେ
ଜନ୍ମା ପୋଡ଼ା ହୋଇ ନ ମଲେ ଅନଳେ ।
କଣା, କୁଜା, କାଲ, ଅନ୍ଧ, କେମ୍ପା, ଘୋଣ୍ଠା,
ରୋଗୀ, ବକଳାଙ୍ଗ, ନପୁଂସକ, ଲେଙ୍ଗୁ
ଯଦେ ଜାତ ହୋଇ ଥିଲେ ଉତ୍କଳରେ
ଦୁଃଖ ନ ଥାନ୍ତାଟି ଓଡ଼ିଆ ମନରେ ।
ହେବ ମିଥ୍ୟାବାଦୀ ପ୍ରତାରକ ଭାଇ
ଓଡ଼ିଆ ପୁଅର ଦୁଃଖର ସୀମା ନାହିଁ ।
କୁପୁତ୍ର ସନ୍ତାନ ଜାତ ହୋଇପାରେ
କୁମାତା କଦାପି ନ ଥାଏ ସଂସାରେ ।
ତେଣୁ କୋଳେ ଧର ସର୍ବ ସୁତା ସୁତ
ଅଧମଙ୍କ ମାଥେ ଦଅ ବଜ୍ର ମୁଥ ।

ଯାହାର ଉଦଧି ନାମ ମହୋଦଧି
ନଦୀ ନାମ ଖ୍ୟାତ ଯା'ର ମହାନଦୀ ।
ଈଶ୍ବର ଯାହାର ଭୁବନ ଈଶ୍ବର
ମର୍ତ୍ତ୍ୟ ପାପନାଶୀ ବୈତରଣୀ ଜଳ ।

Digitized by srujanika@gmail.com

ପ୍ରତ୍ୟେକ ତୀର୍ଥରୁ ବିନ୍ଦୁ ବିନ୍ଦୁ ଜଳ
ଆଣି କଲେ ଜମା ହୁଏ ସରୋବର ।
ଯହିଁ ଏକ ବୃକ୍ଷେ ଏକାମ୍ର କାନନ
ଅନ୍ତ ବ୍ରହ୍ମ ଯହିଁ ଗିରି ମେଘାସନ ।
ଯହିଁ ପ୍ରସ୍ରବଣ ଉଷ୍ମ ପ୍ରସ୍ରବଣ
ମୃତେ ଜୀବ ଦିଏ ଦେଖ ଅତ୍ରିବନ ।
ଯହିଁ ନାଭିଗୟା ପୀଠ ବିରଜାର
ଗୋପାଳ ଯେଉଁଠି ଶ୍ରୀ ସାକ୍ଷୀଗୋପାଳ ।
ଯହିଁ କ୍ଷେତ୍ର ମଧ୍ୟେ ଶ୍ରେଷ୍ଠ ଶ୍ରୀକ୍ଷେତ୍ର
ଯହିଁ ପାପୀ ମୁକ୍ତ ହୁଏ ଖାଇ ପତ୍ର ।
ନଭଃସ୍ପର୍ଶୀ ଯହିଁ ପୂତ ନୀଳାଚଳ
ଦେଉଳ, ଶ୍ମଶାନ, ଦାଣ୍ଡ ଯହିଁ ବଡ଼ ।
ଧନ, ମାନ, ଜାତି ଭେଦ ଯହିଁ ନାହିଁ
ଯା' ପ୍ରସାଦ ସାରି ଦେଶ ଖୋଜୁଥାଇ ।
ଯା'ର ନାଥ ନିଜେ ଜଗତର ନାଥ
ତାକୁ କେଉଁ ଶତ୍ରୁ କରିବ ପରାସ୍ତ ?
ହେ ଭାଇ ଭଉଣୀ ଆସ ସର୍ବେ ମିଳି
ପରିଚୟ ଦେବା ଆମ୍ଭେ ହେ ଉତ୍କଳୀ ।
ନୀଳଚକ୍ର ବାନା ଶୃଙ୍ଗେ ନିଅ ପଣ
ଉତ୍କଳ ପାଇଁକି ଦେବ ହେ ଜୀବନ ।
ବିଶ୍ୱ ଇତିହାସେ ଯାବତ ଚନ୍ଦ୍ରାର୍କ
ଓଡ଼ିଆ ଜାତିର ରହିଥିବ ଟେକ ।

Digitized by srujanika@gmail.com

ଏ ଶୁଭ ସମୟେ ଉଠ ମା ଚିଲିକା !
ଝାଡ଼ ଦେଇ ତୋର ପୂର୍ବ ବନ୍ଦୀଶିଖା

ସ୍ନେହ କର ତୁହି ନିଜ ସନ୍ତାନରେ
ଢାଳି ମାତୃସ୍ନେହ ବହୁକାଳ ପରେ ।

ଅସ୍ୱହରା ହୋନ୍ତୁ ମାତୃସ୍ନେହ ପାଇ
ଏଇ ତୋ ଓଡ଼ିଆ ପୁଅ, ଝିଅ, ଭାଇ ।

ସମ୍ପଦହିଁ ଫେରି ଆସିବ ସଅଳେ
ଶୋଭା ପାଇବୁ ତୁ ଚିଲିକା ରୂପରେ ।

ଜଳକୂଳେ କମଳା କରିବେ ବିଳାସ
ବିଦେଶୀଙ୍କ ସଙ୍ଗେ ମିଳିବ ଫରମାସ ।

ଚୁଟି, ଅଡ଼େ ଖାଲି ପଡ଼ିଯିବ ଡାକ
"ଜଳଜ କମଳା ବିଳାସ ଚିଲିକା ।"



ମୁଦ୍ରାକର—ଶ୍ରୀ କିଶୋରଚନ୍ଦ୍ର ମିଶ୍ର, କବିତା ପ୍ରେସ, କଟକ-୧

Digitized by srujanika@gmail.com

ପ୍ରାପ୍ତିସ୍ଥାନ

ଶାରଦା ଭବନ, କଟକ-୨

ଓ

ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ

ପୋ-ବାଜପୁର ଜି-ପୁରୀ

ପ୍ରଥମ ମୁଦ୍ରଣ—୧୦୦୦

୧୯୬୧

ଚାଳିଶ ନୂଆ ପଇସା

Digitized by srujanika@gmail.com